# ମୂଷା ଓ ମୁଷୀ

ପରେଶ କୁମାର ପଟ୍ଟନାୟକ



ଶିଶୁକବିତା ସଂକଳନ

ILLUSTRATED DRAFT

Writer proofreading pending

# About this edition

Original story wording · New illustrations by Ahimanikya
All 18 poems are included. The text was compared with the original scans. Faded words use provisional readings, as requested, and are flagged on the online proofreading page. Writer proofreading is still pending.

Original edition: Musa O Musi (Children's Poems)
Author: Paresh Kumar Patnaik
Publisher: Lekhalekhi, Bhubaneswar
First edition: 2022
Original illustrations: Baladev Maharatha
ISBN: 978-81-955751-5-2
Original cover and all scanned pages remain available online.

shishukishora.com

# ସୂଚୀପତ୍ର

1. ମୂଷାମୂଷୀ ଗଲେ ବଜାର କରି
2. ମୂଷା ମୂଷୀ ଗଲେ ମେଳଣ ଦେଖି
3. ମୂଷାମୂଷୀ ଦିନେ ଲାଗିଲେ କଳି
4. ମୂଷା ଯାଇଥିଲା ବନ୍ଧୁଘର ବୁଲି
5. ମୂଷାକୁ ଆସିଲା ଜର
6. ମୂଷାମୂଷୀ ଗଲେ ଧାନବିଲକୁ
7. ଚାଳୁଆମୂଷାକୁ ଗାତୁଆମୂଷା
8. ଗାଆଁମୂଷା ଦିନେ ଗଲା ସହର
9. ମୂଷା ଯାଇଥିଲା ବିଲକୁ
10. ମୂଷାମୂଷୀ ଗଲେ ବଣଭୋଜିକୁ
11. ମୂଷା ଯାଇଥିଲା ବଣକୁ
12. ମୂଷା ହେଲା ବରଯାତିରୀ
13. ଆସିଲା ଶୀତ
14. ମୂଷାର ମୀନ ବେସର
15. ଦେଖାହେଲେ ବେଙ୍ଗବେଙ୍ଗୁଲୀ
16. ମୂଷା ଗାଉଥିଲା ଗୀତ
17. ମୂଷାର ଧରମଚିନ୍ତା
18. ମୂଷୀ ପାରୁଥିଲା ବଡ଼ି

# ମୂଷାମୂଷୀ ଗଲେ ବଜାର କରି



ମୂଷାମୂଷୀ ଗଲେ ବଜାର କରି
ବାଟରେ ପଡ଼ିଲା ନଈ ।
ନଈରେ ଆସିଛି ଗୋଳିଆପାଣି
ଫୁଲିଫୁଲି ଯାଏ ବହି ॥
କୋଉଠି ହେଲା କି ବରଷା ଏତେ
ନଈରେ ବଢ଼ିଲା ପାଣି ।
ମୂଷା ପଚାରିଲା ମୂଷୀକୁ ଚାହିଁ
ଏକଥା ଥିଲୁ କି ଜାଣି ?
ମୂଷୀ କହିଥିଲା, ମୁଁ କି ଜାଣେ,
ରାତିରେ ଥିଲି ମୁଁ ଶୋଇ ।

ଘରକାମ ସାରି ହାଲିଆ ଲାଗିଲା,
ମୁଣ୍ଡ ହେଲା ଝାଇଝାଇଁ ।।
ମୁଁ କରୁଥିଲି ଘରକାମ ସିନା
ତମେ ତ ବସିଛ ଚାହିଁ ।
ତମେ କେମିତି କା ଜାଣିପାରିଲନି
ଅତଡ଼ା ଖାଉଚି ନଈ ।

ମୂଷା ବି ଭାବିଲା, କଅଣ ହେଲା
ପାଣିରେ ଫୁଲିଲା ନଈ ।
ବରଷା ନାଇଁ କି ବତାସ ନାହିଁ,
ଦୁଇକୂଳ ଯାଏ ଖାଇ ।।
ମୂଷା ହସି ଦେଲା ମୂଷୀକୁ ଚାହିଁ,
ଶୁଉଣୁ ଲୋ ଚନ୍ଦ୍ରମୁଖୀ ।
କାଲି ସାରା ରାତି ବିତିଛି ମୋର
ବଢ଼ିଆ ସପନ ଦେଖି ।।
ସପନେ ହେଲି ମୁଁ ଇଂଜିନିୟର
ବନ୍ଧବାଡ଼ ଦେଖୁଥିଲି ।
ପାଣି ନାଇଁ କୋଉ ନଈନାଳରେ
ଶୁଖିଲା ପଡ଼ିଛି ବାଲି ।।
ଶୁଣେଇ ଦେଲି ମୁଁ ସଭିଙ୍କୁ ସେଠି
ଶୁଣ ମୋ ଚରମବାଣୀ ।
କାଲି ସକାଳକୁ ଯେମିତି ହେଲେ
ନଈରେ ଆସିବ ପାଣି ।।
ମୋ କଥା ମାନିଲେ ମୂଷା ସକଳ

କାମରେ ଲାଗିଲେ ମିଶି ।
ବନ୍ଧ ମୂଳେମୂଳେ ଖୋଳିଲେ ଗାତ
ଘଳିଆ ହୋଇଲା ଅଣା ।।

ସକାଳକୁ ଏବେ ଆସିଲା ବଢ଼ି
କାହାକୁ ଦେବାରେ ଦୋଷ ।
ବନ୍ଧବାଡ଼ ପାଇଁ ସର୍କାର ଅଛି,
ଘଳିଆକୁ ମୂଷାବଂଶ।

# ମୂଷା ମୂଷୀ ଗଲେ ମେଳଣ ଦେଖି



ମୂଷାମୂଷୀ ଗଲେ ମେଳଣ ଦେଖି
ମେଳଣରେ ଭାରି ଭିଡ଼ା
ବିଲେଇ କରିଛି ମିଠାଦୋକାନ
ନେଉଳ ବିକେ ପଇଡ଼ ।।
ସାପ ଛାଣେ ବସି ବରା ପକୁଡ଼ି
ଗୋଧି ବିକେ ସରବତ ।
ବେଲୁନ୍ ବିକୁଛି ଡାମରାକୁଆ
ଚିଲ ଗାଉଅଛି ଗୀତ ।।
କୁକୁର ଡାକୁଛି ଭୋ ଭୋ କରି
ଆମ ଦୋକାନକୁ ଆସ ।

ଆମ ଦୋକାନରେ ମିଳୁଛି ଲଡୁ
ଦି' ଟଙ୍କାକୁ ପୂରା ଦଶ ।।
ମୟୂର ବିକୁଛି ପନିପରିବା
ପରିବାରେ ପୋକ ନାହିଁ ।
କୋଉଠି କଦବା ଦିଶିଲେ ପୋକ
ଖୁମ୍ପମାରି ଦିଏ ଖାଇ ।।

କୁକୁଡ଼ା ବିକୁଛି ନୂଆଖେଳଣା,
ଖେଳଣା ବଜାଏ ଗିନି ।
ଗିନିବାଜା ସାଙ୍ଗେ କୁକୁଡ଼ା ନାଚେ
ତାକ୍ ଧିନ୍ ତାକ୍ ଧିନି।।
ଏତେ ତ ଦୋକାନ ପଡ଼ିଛି ଏଠି
କୋଉଠିକୁ ଯିବୁ କହ ?
ମୂଷା କଥା ଶୁଣି କହିଲା ମୂଷୀ,
ଭୟରେ ଥରେ ମୋ ଦେହ ।
ଛାତି ଧକଧକ ହେଉଛି ଦେଖ
ପରାଣଟି ମୋର ରହୁ ।
ଚାଲ ଫେରିଯିବା ଘରକୁ ଆମ
ମେଳଣ ଦେଖିବା ଥାଉ ।।

# ମୂଷାମୂଷୀ ଦିନେ ଲାଗିଲେ କଳି



ମୂଷାମୂଷୀ ଦିନେ ଲାଗିଲେ କଳି,
କଳିଗଲା ବଢ଼ି ବଢ଼ି ।
ମୂଷୀ କହିଦେଲା, ହଡ଼ାବୁଢ଼ା ବୋଲି,
ମୂଷା କହିଥିଲା ବୁଢ଼ୀ ।।
ମତେ ତୁ କହିଲୁ ହଡ଼ାବୁଢ଼ା ବୋଲି,
ଏ ଗାଳି ସହିବି ନାହିଁ ।
କଟମଟ କରି ମୂଷୀ ଆଡ଼େ ଚାହିଁ
ମୂଷା ଯାଉଥିଲା କହି ।।
ମୂଷୀ ରାଗିଗଲା, ସିଏ ବି କହିଲା,
ତୋ କଥାକୁ ହେଜ କର ।

ମତେ ବି ତୁଉ ବୁଢ଼ୀ କହିଥିଲୁ,
ଥରେ ନୁହେଁ ତିନିଥର ।।
ତିନିଥର ସିନା ମୁଁ କହିଥିଲି
ତୁ ତ କହିଚୁ ଚାରି ।
ଗଣିଗଣି କରି ମୂଷା ଏ ହିସାବ
ସହଜରେ ଦେଲା କରି ।।

ଚାରିଥର ହେଲା କେତେ ବେଳେ କହ
ଭାବିଚୁ କି ମତେ ଓଲୀ ।
ଗଣିତରେ ପରା ଆମ ଇସ୍କୁଲରେ
ଫାଆଷ୍ଟ ମୁଁ ହେଉଥିଲି ।।
କୋଉ ଇସ୍କୁଲ୍‌ରେ ପଢୁଥିଲୁ କହ,
କିଏ ଅବଧାନେ ତୋ'ର ।
ଚାରିକ ପଣିକିଆ ଗାଇଦେବୁ ଯଦି,
ମାନିଯିବି ମୋର ହାର ।।
କେତେ ପଣିକିଆ ଶିଖିଥିଲି ଦିନେ
ସବୁ ତ ଗଲି ପାଶୋରି ।
ଦିନରାତି ଏବେ ନିଅଣ୍ଟ
ପଡୁଛି ଘରକାମ କରିକରି ।।
ଏତିକିବେଳକୁ କୋଉଠିଥିଲା
ବିଲେଇ ଡାକିଲା ମ୍ୟାଉଁ ।
କାହିଁକି କରୁଛ ଏତେ ପାଟିତୁଣ୍ଡ
ନିଦ ଭାଙ୍ଗେ ଚାଉଁଚାଉଁ ।।
ମୋଅରି କତିକି ଆସ।

ଝଗଡ଼ା ତୁମର ତୁଟାଇ ଦେବି ମୁଁ
ମୋ ପାଖେ ଟିକିଏ ବସ ।।
ମୂଷା କହିଲା, ଏ ମୂଷୀ !
ଚାଲ ଯିବା ଏଠୁ ଖସି ।।

# ମୂଷା ଯାଇଥିଲା ବନ୍ଧୁଘର ବୁଲି



ମୂଷା ଯାଇଥିଲା ବନ୍ଧୁଘର ବୁଲି
ଘରେ ଏକାଥିଲା ମୂଷୀ ।
ଏତିକିବେଳକୁ ବରଷା ଆସିଲା
ଗାତେ ଗଲା ପାଣି ପଶି ॥
ଆକତାମାକତା ହୋଇଗଲା ମୂଷୀ
ଗୋଳିଆପାଣିରେ ପଡ଼ି ।
କୁଆଡ଼କୁ ଯିବ କେମିତି କା ଯିବ
ଭାବିଭାବି ଛାଡ଼େ ରଡ଼ି ॥
ତା' ଡାକ କିଏ ବା ଶୁଣିବ କେମିତି
ପାଖରେ ବା ଅଛି କିଏ ?

ବରଷା ଝରୁଛି, ବିଜୁଳି ମାରୁଛି,
ଘଡ଼ଘଡ଼ି ଶୁଭୁଥାଏ ।।
ଦି ଚାରି ଢୋକ, ପାଣି ପିଇଦେଲା
ଓଦା ସାରା ଦେହ ହାତ ।
ଶୀତରେ ଥରିଲା ଦେହ ହାତ ତା'ର
ମାଡ଼ିଆସେ ସନ୍ନିପାତ ।।
ବହୁତ କଷ୍ଟରେ ଗୁରୁଣ୍ଡି ଗୁରୁଣ୍ଡି
କାନ୍ଥବାଡ଼ ଧରିଧରି ।
ମୂଷୀ ଲାଗିଅଛି ଜୀବନ ବିକଳେ
ଗାତରୁ ଯିବ ବାହାରି ।।

ଗାତର ମୁହଁରେ ପହଞ୍ଚିଲା ମୂଷୀ
ହୋଇ ବଡ଼ କଲବଲ ।
ନିଃଶ୍ୱାସ ପ୍ରଶ୍ୱାସ ରୁନ୍ଧି ହୋଇଥିଲା
ଏବକୁ ଲାଗିଲା ଭଲ ।
ମୁହଁକୁ ଝାଡ଼ିଲା ପବନ ଟାଣିଲା
ଆଖି କଲା ମିଟିମିଟି ।
ବରଷା କମିଛି ପାଣି ବି କମିଛି
ଦିଶିଲାଣି ଓଦାମାଟି ।।
ଭାବିଲା ଟିକିଏ ଉପରକୁ ଉଠି
କାଲୁଆ ଦେହକୁ ଝାଡ଼ି
ମନଭରି ଟିକେ ପବନ ଖାଇବ
ସନ୍ନିପାତ ଯିବ ଛାଡ଼ି ।।
ଆଖି ପଡ଼ିଗଲା ଟିକିଏ ଦୂରରେ

ମନରେ ପଶିଲା ଭୟ୍ ।
ସାପ ଗୋଟେ ସେଠି ଫଣା ଟେକିଅଛି
ଜିଭ କରେ ଲହଲହ ।।
ଟୁବ୍ କିନା ପାଣିରେ ଗଲା ବୁଡ଼ି ।
ବିଶ୍ୱାସ ନାହିଁ ସାପକୁ ଜମା
ଜୀବନଟି ଯିବ ହୁଡ଼ି ।।

# ମୂଷାକୁ ଆସିଲା ଜର



ଦିନ ଦ୍ୱିପ୍ରହରେ ସେଦିନ ସତେ
ମୂଷାକୁ ଆସିଲା ଜର।
ନାଲି ପଡ଼ିଗଲା ସାରା ଦେହ ତାର
ହାତ ପାଦ ଥରଥର ।।
ଲାଙ୍ଗୁଡ଼କୁ ଜାକି କୁଙ୍କୁରିକାଙ୍କୁରି
ପଶିଗଲା ଗାତ କୋଣେ ।।
କମ୍ପ ଆସୁଥିଲା ଦେହ ଅସକତ
ମୁଣ୍ଡ ବୁଲାଇଲା ଏଣେ ।।
ମୂଷୀକୁ କହିଲା ଡାକି ।
ଚାଦର କମ୍ବଳ ଯାହା ଅଛି ଆଣ

ଦେ' ମୋ ଦେହକୁ ଢାଙ୍କି ।।
ଘରେ କ'ଣ ଅଛି କ'ଣ ଅବା ନାହିଁ
ସବୁ ତ ମୂଷୀକୁ ଜଣା ।
କମ୍ବଳ ଚାଦର କୋଉଠୁ ଆଣିବ
ବୁଦ୍ଧି ହୋଇଗଲା ବଣା ।।
ସଫା ସଫା ଦେଲା କହି,
କନା ଖଣ୍ଡେ ନାହିଁ ଘରକୋଣେ ଏବେ
କମ୍ବଳ ଆସିବ କାହିଁ ।

ଘରେ ଜମା ନାହିଁ ଶେଯ କି ମୁନ୍ଦୁରା
କୋଉଠୁ ଆଣିବି କହ ।
କହିବୁ ଯଦି ମୁଁ ମାଟି ଗୋଡ଼ି ଆଣି
ଘୋଡ଼େଇ ଦେବି ତୋ' ଦେହ ।।
ମୂଷା ଗାଳି ଦେଲା, ରାଗିକି କହିଲା
କେତେ ଚାଦର ଆଣିଛି ।
ଖଣ୍ଡଖଣ୍ଡ ଜରି କେତେକେତେ କନା
ଘର କୋଣେ ଗଦେଇଛି ।।
କମ୍ବଳ ଆଣିଛି, ଚାଦର ଆଣିଛି
ଆଣିଛି ପେଣ୍ଟ ଜାମା ।
ଦାମୀ ଦାମୀ କନା ଆଣିଅଛି ବୋହି
ଘରେ ମୋ କରିଛି ଜମା ।।
ଖୋଜିଲାବେଳକୁ କିଛି ନାହିଁ ବୋଲି
କେମିତି କହୁଛୁ ମୋତେ ।
ତୋ' କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି

ଜମା ଆସୁନି ପରତେ ।।
ମୂଷୀ ବି ଟିକିଏ ଭାବିଲା ଚିନ୍ତିଲା
କାହିଁ ଗଲା କନାପଟା ?
ଶେଷରେ କହିଲା, ତୋ ମନେ ନାହିଁ
କରୁଅଛୁ ହଲାପଟା ।।
ତୁ ଆଣିଥିଲୁ ଯେତେଯେତେ କନା
ମୁଁ ଟିକିଟିକି କଲି ।

ରାତି ସାରା ଆମେ କନା କାଟୁଥିଲେ
ହସୁଥିଲେ ଖିଲି ଖିଲି ।।
କାଗଜ କି କନା କାଠ ବା ବାଉଁଶ
ଯାହା ବି ପାଖରେ ଥାଏ ।
ନ କାଟିଲେ ତାକୁ କୋରେଇ କୋରେଇ
ଦାନ୍ତଟା ଶୁଳେଇ ହୁଏ ।।
କାଟିବାବେଳକୁ ମଜା ଲାଗୁଥିଲା
ଏବେ କିରେ ମନେ ନାହିଁ ?
ଯାହା କନା ଥିଲା ଛିନ୍‌ଭିନ୍ ହୋଇ
ସବୁଗଲା ମାଟି ହୋଇ ।।
କପାଳରେ କର ମାରି,
ମୂଷା କାନ୍ଦୁଥିଲା ସକେଇସକେଇ
ମୂଷୀ କାନ୍ଦେ ଧରିଧରି ।।

# ମୂଷାମୂଷୀ ଗଲେ ଧାନବିଲକୁ



ଆସିଗଲା ଯେତେ ଧାନକଟା ବେଳେ
ଚାଷୀ ମନ ହେଲା ଖୁସୀ।
ପାଚିଲାଧାନକୁ କାଟିବ କେମିତି
ଭାବେ ହିଡ଼ମୁଣ୍ଡେ ବସି ।।
ହାତରେ ଧରିବ ଦାଆ,
କଚକଚ କରି କାଟିଯିବ ଗଛ,
ଧାନଗଦା ହେବ ଠିଆ ।।
ମୂଷା ଡାକ ଦେଲା, ଚାଲ ଯିବା ମୂଷୀ
ବିଲରେ ଖୋଳିବା ଗାତ ।
ଧାନ ଚୋରେଇବା ବେଳ ଆସିଗଲା

ପଡ଼ିଲାଣି ଟିକେ ଶୀତ ।।
ରାତି ସାରା ଆମେ କାମରେ ଲାଗିବା
କାଟିନେବା ଧାନକେଣ୍ଡା।
ଧାନ ବୋହିନେବା ଗାତ ଭିତରକୁ
ଲାଗୁପଛେ ଟିକେ ଥଣ୍ଡା ।।
ବରଷା ଆଗରୁ ଚୋରି ଧାନ ସବୁ
ଘରଗାତକୁ ବୋହିବା।
ହିଡ଼ମୂଳେ ଯୋଡ଼ ଗାତ ଖୋଳିଥିବା
ସାପ ପାଇଁ ଛାଡ଼ିଯିବା ।।

ମୂଷୀ ମନ ଭାରି ଖୁସୀ,
ବିଲରେ ବୁଲିବା, ପବନ ଖାଇବା,
ଗୀତ ବି ଗାଇବା ହସି ।।
ଘରଗାତ ଛାଡ଼ି ମୂଷାମୂଷୀ ଗଲେ
ଧାନକଟା ବିଲ ଆଡ଼େ।
ବିଲରେ ବୁଲିଲେ, ନାଚିଲେ କୁଦିଲେ
ଗୀତ ଗାଇ ଗୋଟେ ଯୋଡ଼େ ।।

ବିଲ ପଡ଼ିଅଛି ଏକର ଏକର
ଧାନ ମୁଗ ହାଉହାଉ ।
ଏତିକି ବେଳକୁ ସଞ୍ଜ ଦେଇଗଲେ
ବର୍ଷେ ଯିବ ଖାଉଖାଉ ।।
ମୂଷା କାଟୁଥିଲା ମୂଷୀ ବୋହୁଥିଲା
ଏତିକିବେଳକୁ ଚାହାଁ ।
ସାପଟିଏ ଆସି କିଛି ଦୂରେ ବସି

ଜିଭ କରେ ଲହଲହ ॥
ସାପ ଆଡ଼େ ଚାହିଁ, ମୂଷା କହିଗଲା
ଆମ କଥା ଟିକେ ଶୁଣ ।
ଆମରି କାମରେ ଲାଗିଅଛୁ ଆମେ
ତୁମର ବା କ୍ଷତି କଣ ?
ଆମେ ପରିଶ୍ରମୀ ଭାରି ଯେ ଉଦ୍ୟମୀ
ଆମେ ଅଟୁ କର୍ମବୀର ।
କର୍ମ ଏକା ଆମ ଜୀବନର ଲକ୍ଷ୍ୟ
କର୍ମେ ଥାଉ ନିରନ୍ତର ॥
ବିଲ ହିଡ଼ମୂଳେ ଖୋଳିଛୁ ଯେ ଗାତ
ସେଇଟି ତୁମକୁ ଦେଇ ।
ଆମେ ଚାଲିଯିବୁ ଆମରି ଘରକୁ
ଧାନ ମୁଗ ବୋହି ନେଇ ॥

ଏଇ ଦେଖ ଆମ ଗାତ,
ମଜାରେ ରହିବ ଗୀତ ବି ଗାଇବ,
ଲାଗିବନି ଜମା ଶୀତ ॥
ଘର କରିଦେଲୁ ତୁମରି ନାମରେ
ଆମେ ବନ୍ଧୁ ଉପକାରୀ ।
ଜୀବନରେ ତୁମେ ପାଇବନି କେବେ
ବନ୍ଧୁଟିଏ ଆମପରି ॥
ସାପ ଏବେ କହେ ହସି,
ଚୋରି କରୁଅଛ ତଥାପି ଦେଉଛ
ଉପଦେଶ ବେଶି ବେଶି ॥

ମୁଣ୍ଡଝାଳ ତୁଣ୍ଡେ ମାରି ଚଷାପୁଅ
କରିଥିଲା ଧାନଚାଷ ।
ତୁମେ ଚୋର ଦଳ, ଧାନ ଚୋରାଉଛ
କରି ତା'ର ସର୍ବନାଶ ।।
ହେବ ନାହିଁ ହେବ ନାହିଁ,
ତୁମେ ପକ୍କା ଚୋର, ନୁହଁ କର୍ମବୀର
କ୍ଷମା ନାହିଁ ତୁମପାଇଁ ।
ମୂଷା ଡାକ ଦେଲା, ଚାଲ
ଚାଲିଯିବା ଏଠୁ ଭଲ ।।

# ଚାଲୁଆମୂଷାକୁ ଗାତୁଆମୂଷା



ଚାଲୁଆମୂଷାକୁ ଗାତୁଆମୂଷା
ହୋଇଗଲା ଦିନେ ଦେଖା।
କୋଳାକୋଳି ହେଲେ ଖୁସୀ ଗପ ହେଲେ
ଦୁଇବନ୍ଧୁ ଦୁଇସଖା ।।
ଚାଲୁଆମୂଷାଟା ଚାଳେଚାଳେ ବୁଲେ
ଘର ତା' ଚାଳ ଭିତର ।
ଗାତୁଆମୂଷାଟା ତଳେ ବୁଲୁଥାଏ
ମାଟି ଖୋଳି କରେ ଘର ।।
କେମିତିକା ଅଛ ବନ୍ଧୁ ହେ ତୁମେ
ପଚାରେ ଗାତୁଆମୂଷା ।

କହିଲା ଚାଲୁଆ, ଭଲ ଆଉ କଣ,
ଉଜୁଡ଼ିଲାଣି ମୋ ବସା।।
ଲୋକ ଏବେ କଲେ ପକ୍କା ଘର ସବୁ
ବାଲି ସିମେଣ୍ଟର ଛାତ ।
କୋଉଠି ରହିବି କେମିତି ରହିବି
ସେ କଥା ଭାବୁଛି ମିତ ।।
ଚାଳଛପରର ଘର ଆଉ ନାହିଁ
ରୁଅ ବାଉଁଶ ବା କାହିଁ ।
ସିମେଣ୍ଟ ଛାତକୁ କଣା କରିବାକୁ
ଦାନ୍ତରେ ମୋ ଧାର ନାହିଁ ।।

ବାସ ମୋ ଗଲା ଉଜୁଡ଼ି,
ଚାଲୁଆମୂଷାର ପରିଚୟ ଗଲା,
ବୁଲୁଚି ମୁଁ ବାସ ଛାଡ଼ି ।।
ସବୁ ଶୁଣି ସାରି ଗାତୁଆ କହିଲା
ମୋର ବି ସମଦଶା।।
ଲୋକ ଘର କଲେ ସିମେଣ୍ଟ ଚଟାଣ
ମାର୍ବଲ ଟାଇଲ ବସା ।।
କୋଉଠି ଖୋଳିବି ଗାତ ଆଉ କହ
ଭାଙ୍ଗିଯାଏ ମୋର ଦାନ୍ତ ।
ମାର୍ବଲ ଟାଇଲ୍ କାଟିଦେବା ପାଇଁ
ଦେହରେ ନାହିଁ ତାକତ ।।
ଚିକ୍‌ମିକ୍ ଘରେ ମଣିଷ ରହିଲେ
ବିଜୁଳି ଆଲୁଅ ଜଳେ ।

ଲୁଚି ବସିବାକୁ ଅନ୍ଧାର ଟିକିଏ
ଘରକୋଣ ନାହିଁ ମିଳେ ।।
ମୁଁ ବି ଛାଡ଼ିଛି ଘର
ବୁଦା ବାଡ଼ମୂଳେ ବସା ମୁଁ ବାନ୍ଧିଛି
ଝଡ଼ବତାସକୁ ଡର ।।
ଦୁଇ ବନ୍ଧୁ ହେଲେ ଦୁଃଖେ କୋଳାକୋଳି
ବହେ କନ୍ଦାକଟା କରି ।
ମାଟିଘର ଆଉ ଚାଳଛପରର
ଅତୀତକୁ ଝୁରିଝୁରି ।।

# ଗାଆଁମୂଷା ଦିନେ ଗଲା ସହର



ଗାଆଁମୂଷା ଦିନେ ବୁଲି ବାହାରିଲା ସହର ।
ସହରରେ ତା'ର ସାଙ୍ଗ ତୋଳିଅଛି ନଅର ।।
ବିଜୁଳି ଆଲୁଅ ଜଳୁଥାଏ ଦିନରାତି ।
ଟେଲିଭିଜନରେ ନାଚଗୀତ ଅସରନ୍ତି ।।
ଖାଇବାକୁ ପୁଣି ଖାସି ମାଂସର ତର୍କାରୀ ।
କେବେ ବିରିୟାନୀ କେବେ ଚିକେନ ତନ୍ଦୁରୀ ।
ଭଲମନ୍ଦ ଖାଇ ସହରୀ ମୂଷା ଫୁଲୁଛି।
ପେଟ ବଢ଼ିଲାଣି ଡାଏଟିଂ ବି କରୁଛି ।।
ଏତେ ସୁଖଶିରୀ ସହରୀମୂଷା ଭାଗ୍ୟରେ ।
ଶୁଣି ଗାଁ ମୂଷା କପାଳରେ କର ମାରେ ।।

ଭାଗ୍ୟ ଥିଲେ କାଳେ ମିଳିବ ସୁଖ କାଣିଚେ
ଏଇ ଆଶା ରଖି ସହରେ ମୂଷା ପହଞ୍ଚେ ।।
ଅଧାବାଟେ ଦେଖା ହୋଇଗଲା ବନ୍ଧୁ ସହରୀ ।
ତରତର ହୋଇ ଯାଉଥିଲା କେଣେ ବାହାରି ।।
କୁଆଡ଼େ ଆସିଲ ବନ୍ଧୁ ହେ ମୋର ଗାଉଁଲି ।
ଗାଉଁଲି କହିଲା, ବୁଲିବାକୁ ପରା ଆସିଲି ।।
ଦେଖିବି ତୁମର ସୁଖ ସଉଭାଗ୍ୟ ଆଖିରେ ।
ବିରିଆନୀ ପୁଣି ଖାଇବି ତୁମର ସାଥିରେ ।।

ମାର୍ବଲ ବିଛା ଚଟାଣରେ ଟିକେ ଶୋଇବି ।
ଟେଲିଭିଜନରେ ନାଚଗୀତ ଟିକେ ଦେଖିବି ।।
ଅଟକାଇ ଦେଲା ବନ୍ଧୁକୁ ଏବେ ସହରୀ ।
କୁହ ନାହିଁ ଆଉ କିଛି ହେଲେ ବନ୍ଧୁ ମୋହରି ।।
ବଇରି ସାଜିଛି ଏବେ ମୋର ଘରବାଲାଟା।
ଗୋଟେ ନୁହେଁ ଏବେ ବିଲେଇ ପାଳିଛି ଚାରିଟା ।।
ଘର ଚାରିପାଖେ ଏମିତି ଓଷଦ ବୁଣିଛି ।
ନାକରେ ସେ ଗନ୍ଧ ବାଜିଲେ ଦେହଟା ଜଳୁଛି ।।
ଅଠାଦିଆ ଯନ୍ତା ବସେଇଛି ଘର କୋଣରେ ।
ପଡ଼ି ଗଲେ ପାଦ ଛଟପଟ ହେବା ସାରରେ ।।
ମୂଷା ଜାତି ପାଇଁ ସହରଟା ବଡ଼ ଦାରୁଣ।
ଚାରିଦିଗେ ଏବେ ଜଗି ବସିଅଛି ମରଣ ।।
ବାହାରିଛି ଏବେ ରେଳଷ୍ଟେସନରେ ରହିବି ।
ଟ୍ରେନ୍‌ରେ ଚଢ଼ି ସାରା ଭାରତଟା ବୁଲିବି ।।
ତୁମେ ଯଦି ଚାହଁ, ଆସିଯାଅ ମୋ ସାଥିରେ ।

ପରିଚିତ ହେବା " ଭ୍ରାମ୍ୟମାଣମୂଷା" ନାମରେ ।।

# ମୂଷା ଯାଇଥିଲା ବିଲକୁ



ମୂଷା ଯାଇଥିଲା ବିଲଆଡ଼େ ଦିନେ ରାତିରେ ।
ପୂର୍ଣ୍ଣମୀ ଜହ୍ନ ଉଇଁଛି ଆକାଶ ଛାତିରେ ॥
ଜହ୍ନ ଆଲୁଅରେ ଚାରିଆଡ଼େ ଦିଶେ ଉଜ୍ଜ୍ୱଳ ।
ଗୀତ ଗାଇବାକୁ ମୂଷା ମନ ହେଲା ବିକଳ ॥
ଏଇ ଜହ୍ନରାତି ହଜିଯିବ ଏଇ ଅବିକା।
ଗୀତ ଯଦି ପଦେ ନ ଗାଇଲି ନାଚି ନାଚିକା ॥
ଜୀବନର ଆଉ କଣ ବା ମାନେ ରହିଲା।
ମୂଷା ଜନମର ମୂଲ୍ୟ ମାଟିରେ ମିଶିଲା ॥
ଚିଂଚିଂ ସ୍ୱରେ ଗୀତ ଆରମ୍ଭିଲା ମୂଷିକ ।
ତା' ଗୀତ ସୁରରେ ମିଶିଲେ ଝିଙ୍କିକା ଯେତେକ ॥

ସମସ୍ତେ ଏକାଠି ଚିଂଚିଂ ସ୍ୱରେ ଗାଇଲେ ।
ଗୀତ ତାଳେତାଳେ ମନଭରି ପୁଣି ନାଚିଲେ ।।
ଏତିକିବେଳକୁ ସଁଅ ସଁଅ ଶବ୍ଦ ଶୁଭିଲା ।
ଅଧାଅଧି ହୋଇ ଗୀତ ବି ଅଟକି ରହିଲା ।।
କିଏ ତୁମେ ପୁଣି ଆସିଗଲ ଗୀତ ଅଧାରେ ।
ତାଳ ଜ୍ଞାନ ନାହିଁ ସଁଅ ସଁଅ ହୁଅ ମଝିରେ ।।
ସଁଅ ସଁଅ ବାଲା କହିଲା, ଭାଇ ମୋ ଶୁଣ ହେ ।
ଆମେ ହେଲୁ ସାପ, ନୃତ୍ୟଗୀତ ପ୍ରବୀଣ ହେ ।।

ପାଦ ଆମ ନାହିଁ ସେଥିପାଇଁ ନାଚୁନାହୁଁ ।
ପାଟି ଅଛି ଯେଣୁ ଗୀତ ପଦେ ଅଧେ ଗାଉ ।।
ତୁମ ଗୀତ ଶୁଣି ନାଚିବା ପାଇଁ ମୋ ମନ ।
କଅଣ କରିବି ଭାଗ୍ୟ ମୋ ହୀନିମାନ ।।
ପାଦ ଏକ ଯୋଡ଼ା ଦେଲେ ନାହିଁ ଈଶ୍ୱର ।
ନ ହେଲେ ନାଚି ମୁଁ କରିଥାନ୍ତି ଥରହର ।।
ସାପର ଆଖିକୁ ମୂଷା ଦେଲା ଯେବେ ଚାହିଁ ।
ରଡ଼ ନିଆଁ ପରି ଜଳୁଅଛି ଆଖି ଦୁଇ ।।
ଜିଭଟା କରୁଛି ଲହଲହ ପବନରେ ।
ସଅଁ ସଅଁ ହୋଇ ଗୀତ ପଦେ ଅଧେ ଧରେ ।।
ଭୟରେ ଆତୁର ମୂଷା କରିଦେଲା ଦଉଡ଼
ଗୀତ ନାଚ ଥାଉ ଜୀବନ ସବୁଠୁ ବଅଡ଼ ।

# ମୂଷାମୂଷୀ ଗଲେ ବଣଭୋଜିକୁ



ମୂଷାମୂଷୀ ଗଲେ ବଣକୁ ଭୋଜି କରିବା ପାଇଁ ।
ସାଙ୍ଗେ ଥିଲେ ପିଲାପିଚିକା ପୁଣି ଭଉଣୀଭାଇ ।।
ଗୀତ ଗାଇବାକୁ ମାଇକ ପୁଣି ଡୁବି ତାବଲ ।
ଖେଳିବାକୁ ବ୍ୟାଡମିଣ୍ଟନ୍ ଆଉ ଫୁଟବଅଲ୍ ।।
ଜଙ୍ଗଲିଆ ବୁଦାମୂଳରେ ଗଲେ ସଭିଏଁ ବସି ।
ନାଚ ଗୀତ ଖେଳ ଜମିଲା ମନ ହୋଇଲା ଖୁସି ।।
ଏତିକିବେଳକୁ ବାଘଟା ଆସି ହେଲା ହାଜର ।
ରାଗିମାଗି କରି ଗର୍ଜିଲା ଆରେ ଆରେ ପାମର ।।
କାହିଁକି ଏଇଠେ ନାଚୁଛ ଏଟା ଇଲାକା ମୋର ।
ଏଇ ଜଙ୍ଗଲର ରାଜା ମୁଁ ନାହିଁ ଟିକେ ଖାତର ।।

ହାତ ଯୋଡ଼ି ମୂଷା କହିଲା ପ୍ରଭୁ ଶୁଣ ଦୟିନୀ ।
ଆମେ ଆସିଥିଲୁ ଜଙ୍ଗଲେ ନେବୁ ତୁମ ଦର୍ଶନୀ ।।
ନାଚଗୀତ ସବୁ କରୁଛୁ ପ୍ରଭୁ ତୁମର ପାଇଁ ।
ତୁମେ ପ୍ରଭୁ ଆମ ରାଜନ ତୁମେ ଆମରି ସାଇଁ ।।
ତୁମରି କଣ୍ଠରୁ ଶୁଣିବୁ ଆମେ ଗୋଟିଏ ଗୀତ ।
ବହୁତ ଦୂରରୁ ଆସିଛୁ ଭ୍ରମି ଅନେକ ପଥ ।।

ବାଘ ଖୁସୀ ହୋଇ କହିଲା, ସଜା ଡୁବି ତାବଲା ।
ଗୀତ ଗାଇବାରେ ଆମକୁ କିଏ ପାରିବ ଭଲା ।।
ହେଣ୍ଟାଳ ମାରିଲା ବାଘଟା ଥରିଗଲା ଜଙ୍ଗଲ ।
ଗୀତ ସାଥେ ଏବେ ନାଚ ହେ ପ୍ରିୟ ମୂଷିକ ପଲ ।।
ଦୂରରୁ ଶୁଭିଲା ସିଂହର ଏବେ ଗର୍ଜନ ଘାତ ।
ମୋ ରାଇଜରେ କିଏରେ ଗାଏ ବେସୁରା ଗୀତ ।।
ନିଦ ମୋର କିଆଁ ଭାଙ୍ଗିଲୁ ଆଜି ଛାଡ଼ିବି ନାହିଁ।
ଦୁଇଟା ଚାପଡ଼ କଷିବି ଏଠୁ ଯିବୁ ପଳାଇ ।।
ବାଘ ବି ଛାଡ଼ିଲା ଗର୍ଜନ, ଏଟା ମୋ ରାଜୁତି ।
ଏଇ ଜଙ୍ଗଲର ରାଜା ମୁଁ, ଏଠି ମୁଁ ଛତ୍ରପତି ।।
ସିଂହ କି ସହଜେ ଛାଡ଼ିବ ବାଘ ବହପ ଶୁଣି ।
ତତେ କିଏ କଲା ରାଜନ, ମୁଁ ତ ପାରୁନି ଜାଣି ।।
ବାଘ ସିଂହ କଳି ଲାଗିଲେ ହେଲେ ବାଡ଼ିଆବାଡ଼ି ।
ଧରାଧରି ହୋଇ ଭୁଇଁରେ ଗଲେ ପରସ୍ପେ ଗଡ଼ି ।।
ମାଇକ୍ ସେଏଟ ଭାଙ୍ଗିଲା ଡୁବି ତବଲା ଗଲା ।
ମାଟିରେ ମିଶିଲା ଖାଇବା ପାଇଁ ଯାହା ବା ଥିଲା ।।
ଭାଙ୍ଗିଭୁଙ୍ଗି ଚୂନା ହୋଇଲା ସବୁ ହାଣ୍ଡି ଡେକିଚି ।

ଦଉଡ଼ୁ ଦଉଡ଼ୁ ମୂଷାର ଗୋଡ଼ ଗଲା ମକଚି ।।
ମୂଷା ଡାକଦେଲା ଶୁଣ ହେ ମୋର ଭଉଣୀଭାଇ ।
ବଣଭୋଜି ଶେଷ ହୋଇଲା, ଚାଲ ଏଠୁ ପଳେଇ ।।

# ମୂଷା ଯାଇଥିଲା ବଣକୁ



ମୂଷା ଯାଇଥିଲା ବଣକୁ, ବଣରେ ଦେଖିଲା ବାଘ ।
ବାଘ ଯାଉଥିଲା ଶିକାର କରି ମୁଣ୍ଡେ ବାନ୍ଧିଥିଲା ପାଗ ।।
ଜଙ୍ଗଲ ଭିତରେ କିଏ ସେ ପାଜି କରୁଅଛୁ ଖସଖସ ।
ମାରିଦେବି ଯଦି ବ୍ରହ୍ମଚାପୁଡ଼ା ପ୍ରାଣଯିବ ତୋର ନାଶ ।।
ଏଇ ଜଙ୍ଗଲର ରାଜା ମୁଁ, ନାଁ ମୋର ମହାବଳ ।
ମୋ ନାମ ଶୁଣି କମ୍ପ ଉଠନ୍ତି ହରିଣ ଠେକୁଆଦଳ ।।
ପାଦ ଚିପିଚିପି ଯାଉଛି ମୁଁ ଶିକାର ଧରିବା ପାଇଁ ।
ଏତିକିବେଳକୁ କିଏରେ ତୁ ଇଆଡ଼େ ଆସିଲୁ ଧାଇଁ ।।
ମୂଷା ହସିଲା, ହେଁ ହେଁ ମୋତେ ଜାଣନି କିରେ ।
ମୁଁ ବି ଅଟେ ମୂଷାରାଜନ ମତେ ମଣିଷ ଡରେ ।।

କାଟେ ମଣିଷର ଖାତାପତର ଲୁଗାପଟା କରେ କଣା ।
ଚୋରି କରେ ଧାନଚାଉଳ, ବୁଦ୍ଧି ହେଲାଣି ତା' ବଣା ।।
ନିତି ନୂଆ ଯନ୍ତ୍ର କାଢୁଛି ମୋତେ ପାରୁନି ମାରି ।
ଏଇଥିରୁ ଜାଣି ପାରୁଥା ବଳ କେତେ ମୋହରି ।।
ମୂଷା କଥା ଶୁଣି କହିଲା ବାଘ, ଶୁଣ ମୋ ଭାଇ ।
ଧରିଆଣ ଗୋଟେ ମଣିଷ ତାକୁ ଖାଇବି ମୁହିଁ ।।
ଏତେ ଯଦି ତୁମେ ବଳୁଆ ଏଇ କାମଟି କର ।
ମଣିଷଟିଏ ମୁଁ ଖାଇବି ମନ ବଳିଛି ମୋର ।।
କାହିଁ କୋଉଦିନୁ ଖାଇନି ମୁଁ ଯେ ମଣିଷମାଂସ ।

ଆଶା ମୋ ପୂରଣ ହୋଇବ ମନ ହେବ ଉଶ୍ୱାସ ।।
ବାଘ କଥା ଶୁଣି ହସିଲା ମୂଷା କିଇରି କିରି ।
ମଣିଷ ମାଉଁସ ଭୁଲିଯା, ସେ ତ ସଭିଙ୍କ ବୈରୀ ।।
ଯଦି ସିଏ ଜାଣିପାରିବ ଏଠି ବାଘଟେ ଅଛି ।
ବନ୍ଧୁକଟେ ଧରି ଆସିବ ଗୁଳି ଦେବଟି ନାଛି ।।
ଉତାରି ନେବ ସେ ଛାଲକୁ କାଟିନେବ ଟି ନଖ ।
ବଞ୍ଚିବାକୁ ଯଦି ଚାହୁଁଛ ଖସିବା ବାଟ ଦେଖ ।।
ବାଘ କହିଲା ଶୁଣିଚି ମୁଁ ମଣିଷ ଭଲ ଭାରି ।
ବାଘ ବଉଁଶ ରକ୍ଷା ପାଇଁ ଯୋଜନା ଅଛି କରି ।।
ମାରିବ ଯିଏ ବାଘଟାଏ ହୋଇବ ତାକୁ ସଜା ।
ଧରା ପଡ଼ିଲେ ବାହାରିଯିବ ଶିକାରୀର ମଜା ।।
ମୂଷା କହିଲା ଦୁଃଖ ମୋର ସେତିକି ଅଛି ଭାଇ ।
ମୂଷାବଉଁଶ ରକ୍ଷାପାଇଁ ଯୋଜନା କିଛି ନାହିଁ ।।
ମୂଷାଜାତିର ବିଲୋପ ପାଇଁ ମଣିଷ ଲାଗିଅଛି ।

ଭୟ ଆଉ ଦୁଃଖରେ ଆମ ଜୀବନ ବିତୁଅଛି ।।

# ମୂଷା ହେଲା ବରଯାତିରୀ



ବେଙ୍ଗ ବାହାଘରେ ମୂଷା ହେଲା ବରଯାତିରୀ ।
ସାଇପଡ଼ିଶାରେ ବଢ଼ିଗଲା ତା'ର ଖାତିରି ॥
ସଜବାଜ ହୋଇ ବାହାରିଲା ସିଏ ସହଳ ।
ବେଶି ଡେରି ହେଲେ ଭୋଜି ହୋଇଯିବ ଆମ୍ବିଳ ॥
ନଈର କୂଳରେ ସଜା ହୋଇଅଛି ବେଦୀଟି ।
ବେଙ୍ଗବେଙ୍ଗୁଲୀଙ୍କ ବାହାଘର ହେବ ସେଇଠି ॥
ତେଲିଙ୍ଗିବାଇଦ ବଜାଇବେ ବଗବଗୁଲୀ ।
ମାଛମାନେ ମିଶି ଗାଇବେ ସେଠାରେ କବାଲି ॥
ବରଯାତ୍ରୀ ସବୁ ଚାଲିଲେ ଆଗରେ ଆଗରେ ।
ପାଲିଙ୍କିରେ ବସି ବେଙ୍ଗ ଯାଉଥିଲା ପଛରେ ॥

ନାଚୁଥିଲେ ସବୁ ବରଯାତ୍ରୀ ମାରି ରଡ଼ିରେ ।
ମଝିରେ ମଝିରେ ଗୀତ ପଦେ ଅଧେ ଛାଡ଼ିରେ ।।
ବେତାଳିଆ ଗୀତ ଶୁଣି ଶୁଣି କାନ ତାବଦା ।
ଫାଟିଯିବ ସତେ କାନର ପତଳା ପରଦା ।।
ନଈ କୂଳେ ଯେବେ ପହଞ୍ଚିଲେ ବରଯାତିରୀ
ନାଚିକୁଦି ପୁଣି ମାରିଲେ ଓଠରେ ସୁସୁରୀ ।।
ଖପଖାପ ହୋଇ ଡେଇଁଗଲେ ଏବେ ପାଣିକି ।
ଡାବୁ ଡାବୁ ହୋଇ ବୁଡ଼ିଲେ ଉଠିଲେ ନାଚିକି ।।

ପାଲିଙ୍କି ସମେତ ବେଙ୍ଗ ବର ଏବେ ଡେଇଁଲା ।
ନଈରେ ପହଁରି ଆର କୂଳେ ଯାଇ ଲାଗିଲା ।।
ନଈ ଆର କୂଳେ ବାହା ବେଦୀ ବନ୍ଧା ସରିଛି ।
ବେଦୀ ଚାରିକଡ଼େ ବେଲୁନ ଦଶଟା ଝୁଲୁଛି ।
ସାଙ୍ଗସାଥୀମାନେ ହୁଳହୁଳି ଦେଲେ ପକେଇ
ବେଙ୍ଗୁଲୀ କନିଆଁ କାନ୍ଦୁଛି ସକେଇ ସକେଇ ।।
ଭୋଜି ରନ୍ଧା ସରି ପତର ପଡ଼ିବ ଏଇନା ।
ମାଛ ବେସରକୁ ପଲଉ ରାନ୍ଧିଛି ଭାଇନା ।।
ରାଇତା ସାଙ୍ଗକୁ ରହିଛି କଖାରୁ ଖଟେଇ ।
ପଙ୍ଗତ ଶେଷକୁ କ୍ଷୀରୀ ମାଲପୁଆ ମିଠେଇ ।।
ମୂଷା ଭାବୁଅଛି ଡେଇଁବ ନା ନାଇଁ ନଈକୁ ।
ନଈରେ ବୁଡ଼ିଲେ ପ୍ରାଣ ଯିବ ଯମପୁରୀକୁ ।।
ଭୋଜିଭାତ ଯାଉ ଚୁଲିକି,
ବଞ୍ଚିରହିଥିଲେ କେତେ ଭୋଜି ହେବ କାଲିକି ।।

# ଆସିଲା ଶୀତ



ଆସିଲା ଶୀତ ଗାଇଲେ ଗୀତ
ମୂଷା ଓ ମୂଷୀ ମିଶି ।
ଗାତୁ ବାହାରି ଜମା ନ ଡ଼ରି
ଖରା ପୁଇଁଲେ ବସି ॥
ସକାଳଖରା ଆହା କି ତୋରା
ମଜା ଯେ କେଇ ଗୁଣା
ଖରାରେ ଖେଳି ଉଡ଼ାଇ ଧୂଳି
ନାଚିଲେ ଦୁଇଜଣ ॥
ଖରା ବଢ଼ିଲା ଗରମ ହେଲା,
ଚାଲରେ ଏବେ ଘର ।

ମୂଷୀର କଥା ଶୁଣିକି ମୂଷା
ହୋଇଲା ଗରଗର ॥
ଶୀତଦିନିଆଁ ସକାଳଖରା
ମିଳିବ ଅବା କାହିଁ ।
ଖରାରେ ଖେଳି ନାଚିବା ମିଳି
ଏମିତି ମଜା ନାହିଁ ॥

ମୂଷୀ କହିଲା, ନାଚୁଥା ତୁ
ଚାଲିଲି ମୁହିଁ ଘର ।
ବାସିପାଇଟି ସରି ନାହିଁଟି
ବହୁତ କାମ ମୋର ॥
ଜମାରୁ ଭଲ ନୁହଁଇ ଏଇ
ବାହାରେ କଉତୁକ ।
ଯିଏ ଦେଖିବ ରାଗି ଉଠିବ
ଧରିବ ଆମ ବେକ ॥
କେହି କୁଆଡ଼ୁ ଆସିବା ଆଗୁ
ପଳେଇଯିବା ଚାଲ ।
ନୋହିଲେ ଆମ ଜୀବନ ହେବ
ନିହାତି କଲବଲ ॥
ମୂଷାଜାତିରେ ଜନମ
ଆମ ଲୁଚିକି ବୁଲୁଥିବା ।
ଲୁଚାଛପାରେ ଯାହା ପାଇବା
ଚୋରେଇ ନେଇଯିବା ॥
ମୂଷା କହିଲା ଫୁଲାଇ ଛାତି

କହନା କଥା ବେଶି ।
ଗଣେଶଙ୍କର ବାହନ ଆମେ
ଆମେ ବି ଦେବଅଂଶୀ ॥

କେଡ଼େ ଶ୍ରଦ୍ଧାରେ ଗଣେଶପୂଜା
କରନ୍ତି ପିଲା କେତେ ।
ଫୁଲ ଚଢ଼ାନ୍ତି ଭୋଗ ବାଢ଼ନ୍ତି
ଲଡ୍ଡୁ ଯାହାକୁ ଯେତେ ॥
ଗଣେଶଙ୍କର ବାହନ ବୋଲି
ଆମେ ବି ପାଉ ପୂଜା ।
ଗଣେଶ ପୂଜା ଦିନଗୁଡ଼ିକ
ଲାଗଇ ବଡ଼ ମଜା ॥
ମଣିଷମାନେ ଭାରି ଦୟାଳୁ
ଭାରି ଧରମ ପ୍ରାଣ ।
ଗଣେଶଙ୍କର ବାହନ ବୋଲି
ସ୍ନେହ କରନ୍ତି ଜାଣ ॥
କେବଳ ମାତ୍ର ବିଲେଇ ଆମ
ବଇରୀ ଜଣାଶୁଣା ।
ବିଲେଇ ଯଦି ରହିବ ନାହିଁ,
ଆମେ ଜଗତଜିଣା ।
ମୂଷୀ ହସିକି କହିଲା ଶୁଣ୍
ହେଲୁଣି ତୁହି ବାଇ ।
କିଏ ରଖିଛି ବିଲେଇ କହ
ପାଳିଛି କାହିଁ ପାଇଁ ॥

ମାରିବା ପାଇଁ ମୂଷାଜାତିକି
ମଣିଷର ଏ ପଣ ।
ବିଲେଇ ରଖି ପିଆଏ କ୍ଷୀର
ନାଶିବ ଆମ ପ୍ରାଣ ।।
ଲୁଟେରା ଆମେ ଚୋର ତ ଆମେ
ଆମେ ଯେ ହୀନଜାତି ।
ଗଣେଶଙ୍କର ବାହନ ବୋଲି
ଫୁଲାନି ଆଉ ଛାତି ।।
ଚୋର ପ୍ରକୃତି ଖରାପ ଅତି
ଅନ୍ଧାରି ଘରେ ଥାଏ ।
ଆଲୁଅ ମେଳେ ନାଚିବା ପାଇଁ
ଯୋଗ୍ୟ ନୁହେଁ ସିଏ ।।
ଘରକୁ ଯିବା ଚାଲ,
ଦେଖିଲା ଯଦି ବିଲେଇନାନୀ
ଉତ୍ତାରି ଦେବ ଛାଲ ।।

# ମୂଷାର ମୀନ ବେସର



ସକାଳୁ ଉଠି କହିଲା ମୂଷା ଶୁଣଲୋ ମୂଷୀ ମୋର।
ମନ ହେଉଛି ଖାଇବି ଆଜି ମୀନମାଛ ବେସର ।।
ଚାଆଲ ଯିବା ପୋଖରୀକୂଳେ ମୀନ ମାଛ ଧରି।
ଲଙ୍କା ସୋରିଷ ବାଟଣ ଦେଇ କରିବା ତରକାରୀ ।।
ତେନ୍ତୁଳି ଟିକେ ପକେଇ ଦେଲେ ଲାଗିବ ଖଟାଖଟା।
ଆହୁରି ମଜା ଲାଗିବ ଯଦି ପଡ଼ିବ ବଡ଼ି ଦି'ଟା ।।
ହାପୁଡ଼ି କରି ଖାଇବା ଆମେ ମୀନମାଛ ଝୋଳ।
ଭାବିଲା କ୍ଷଣି ପାଟିରୁ ମୋର ବୋହି ପଡୁଛି ଲାଳ ।।
ଖୋଜିଖୋଜିକା ପୋଖରୀକୂଳେ ହାଜର ହେଲେ ଯାଇ।
ଜାତିଜାତିକା ମାଛ ଖେଳନ୍ତି, ନାଚନ୍ତି ଥେଇଥେଇ ।।

ପାଣି ଉପରେ ଦେଖାଇ ମୁହଁ ଟୁଉବ୍ କିନା ବୁଡ଼ି ।
ଖେଳୁ ଥାଆନ୍ତି, ନାଚୁଥାଆନ୍ତି ମୀନ ଯେ ଯୋଡ଼ିଯୋଡ଼ି ।।
କେମିତି କହ ଧରିବା ମାଛ ଏ ଯେ ଅକାତ ପାଣି ।
ପାଣିରେ ବୁଡ଼ି ମାଛ ଧରିବା ନାହିଁ ତ ମୁଁ ଜାଣି ।।
ପହଁରିପାରେ କେବେ କେମିତି ପାଣିରେ ଗଲେ ପଡ଼ି ।
ବେଶି ସମୟ ବୁଡ଼ିଲେ ନିଶ୍ଚେ ପ୍ରାଣ ମୋ ଯିବ ଛାଡ଼ି ।।
ବସିବା ଆମେ ମୀନଙ୍କୁ ଚାହିଁ ଏଇ ପୋଖରୀକୂଳେ ।
ଯଦିବା କେବେ ମୀନଟେ ଡେଇଁ ପଡ଼ିବ ମାଟି ପରେ ।।

ସେତିକିବେଳେ ମାଡ଼ି ବସିବା, ଧରିବା ବେକ ତାର ।
ଏମିତି କରି ପାରିବା ଆମେ ମୀନମାଛ ଶିକାର ।।
ପୋଖରୀକୂଳେ ବସିବସିକା ସକାଳ ଗଲା ଡେଇଁ ।
ଦି ପହର ଖରାର ତେଜ ଲାଗିଲା ଚାଇଁଚାଇଁ ।।
କୂଳକୁ ଡେଇଁ ପଡ଼ିଲେ ନାହିଁ ଗୋଟିଏ ଦଣ୍ଡିକିରି ।
ଚାହିଁଚାହିଁକା ଆଖିର ପାଣି ଆଖିରେ ଗଲା ମରି ।।
ଦେଖନ୍ତେ ଯଦି ପାଣି ଓଧକୁ ମାଗନ୍ତେ ମୀନ ଦୁଇ ।
ମୂଷା କପାଳେ ମାଛ ଧରିବା ହୁଏ ତ ଲେଖା ନାଇଁ ।।
ଏତିକିବେଳେ ଆସିଲା ପଶି ବଗ ଯେ ଡଗଡଗ ।
ମୂଷାଙ୍କୁ ଦେଖି ମୁଣ୍ଡରେ ତା'ର ଚଢ଼ି ବସିଲା ରାଗ ।।
ଇଏ ମୋ ଜାଗା ମୋ ଇଲାକା କିଏ ସେ ତୁମେ ଦୁଇ ?
ମୋ ଘରେ ପଶି କରୁଛ ପାଟି, ଦେଖାଉ ଅଛ ଛଇ ।
ଏଇଠି ଥାଇ ଧରେ ମୁଁ ମାଛ, ପାଣିରୁ ଆଣେ ଝାମ୍ପି ।
ତୁମେ ଦୁଇଟା ଏଇଠୁ ଖସ, ନୋହିଲେ ଦେବି ଖୁମ୍ପି ।।
ମୂଷା କହିଲା, ମୂଷୀ,

ମୀନବେସର କପାଳେ ନାହିଁ
ଆଜିଟା ଏକାଦଶୀ ।।

# ଦେଖାହେଲେ ବେଙ୍ଗବେଙ୍ଗୁଲୀ



ମୂଷା ସେଦିନ ଯାଉଥିଲା ବିଲ ଆଡ଼େ ବୁଲି।
ଛକ ଉପରେ ଦେଖା ହେଲେ ବେଙ୍ଗ ଓ ବେଙ୍ଗୁଲୀ।।
କଣ ଆଉ ଖବର କୁହ, ପଚାରିଦେଲା ବେଙ୍ଗ ।
ମୂଷା କହିଲା, ଭଲ ଆଉ କିଛି ନାହିଁ ସାଙ୍ଗ ।।
ମଣିଷଜାତି ନିଠୁର ଅତି ଖୋଜି ମାରୁଛି ମୋତେ ।
ମୂଷା ମାରିବା ପାଇଁକି ଯନ୍ତ୍ର ବାହାର କରେ କେତେ ।।
ପ୍ରଥମେ ଥିଲା ଯନ୍ତା ଗୋଟେ କାଠବାକ୍ସ ପରି ।
ଝୁଲାଇ ଥିଲା ଭିତରେ ତାର ପିଠାମିଠା କରି ।।
ଯଦିବା ତା'ର ବାସରେ ଭୁଲି ଭିତରେ ପଶିଗଲା
କବାଟ ତାର ପଡ଼ିଗଲା, ହୋଇଗଲା ଜେଲ ।।

ଖସିବା ପାଇଁ ବାଟ ସବୁ ବନ୍ଦ ହୋଇଗଲା ।।
ଖବର ପାଇ ମଣିଷ ଆସି ବାଡ଼ିରେ ପିଟିଗଲା।
ଲୁହାର ଯନ୍ତ୍ର ତା'ଠୁ ବେଶି କଠିନ ଓ ଦାରୁଣ ।
ଛୁରୀ ପରି ଧାର ତାର ଓଟାରି ନେବ ପ୍ରାଣ ।।
ଲୁହା ଦାନ୍ତି ଖୋଲା ହୋଇ କୋଣରେ ବସିଥିବ ।
ମଝିରେ ଥିବ ପିଠା ପକୁଡ଼ି ବାସନା ଆସୁଥିବ ।।
ଯଦିବା ତା'ର ଲୋଭରେ ତୁମେ ପାଖକୁ ଗଲ ମାଡ଼ି ।
ଲୁହାର ଦାନ୍ତି ପଡ଼ିଯିବ ଧରିବ ଜାବୁଡ଼ି ।

ଯେତେ ଚେଷ୍ଟା କର ପଛେ ଖସିବାର ନାହିଁ।
ଚିଇଁ ଚିଇଁ କାନ୍ଦୁଥିବ ଛଟପଟ ହୋଇ ।।
ମଣିଷ ଆସି ପୁଣିଥରେ ପିଟିବ ମନ ଭରି ।
ପିଟା ଖାଇ ପ୍ରାଣ ତୁମ ଯିବଟି ବାହାରି ।।
ବାହାର କରନ୍ତି ପୁଣି ନାନାବିଧ ବିଷ ।
ଖାଇବା ଜିନିଷେ ଭରି କରିନେବେ ବଶ।।
ଯଦି ତୁମେ ବିଷମିଶା ଖାଦ୍ୟ ଖାଇଦେଲ ।
ଦେହସାରା ଜଳି ଉଠିବ ହେବ କଲବଲ ।।
ବିଷର ପ୍ରଭାବେ ତୁମ ପ୍ରାଣ ଯିବ ଛାଡ଼ି ।
ଗାତ ଛାଡ଼ି ବାହାରକୁ ଯିବ ଯେ ଦଉଡ଼ି ।।

ଘରେ ଗନ୍ଧ ହେବ ନାହିଁ ମରିବ ବାହାରେ ।
ବିଷ ଉପରେ ଏପରି ସେ ଗବେଷଣା କରେ ।।
ଏବେ ପୁଣି ବାହାରିଚି ଅଠାଳିଆ ଯନ୍ତ୍ର।
ଯନ୍ତ୍ର ବସାଇ ସାଧୁଛି ମଣିଷ ଅହନ୍ତ୍ର ।।
ଆମ ଯିବା ଆସିବା ବାଟେ ବସାଇଛି ଆଣି ।

ପାଦ ଯଦି ପଡ଼ିଗଲା ଅଠା ନେବ ଟାଣି ।।
ସେ ଅଠା କବଳୁ ରକ୍ଷା ଜମା ନାହିଁ ଆଉ।
ତା' ସାଙ୍ଗକୁ ଅଛି ପୁଣି ବିରାଡ଼ିର ଦାଉ ।।
ମ୍ୟାଉଁ ମ୍ୟାଉଁ ରଡ଼ି କରି ଆସୁଛି ଗୋଡ଼ାଇ ।
ମାଡ଼ି ବସି କାମୁଡ଼ି କି ପ୍ରାଣ ଯାଏ ନେଇ ।।
ମଣିଷର ଅତ୍ୟାଚାରେ ଜୀବନ ବିପନ୍ନ
ପିଲାଛୁଆ ସାଥେ ଦୁଃଖେ କଟୁଛି ଜୀବନ ।।
ବେଙ୍ଗ ଏବେ ସାଙ୍ଗ ଭାବେ ରଖିଲା ଉତ୍ତର।
ଶୁଣ ଭାଇ ମୋ କଥା, ମନେ ହେଜ କର ।।
ମଣିଷ ଅତି ଦୟାଳୁ ଅତି ଉପକାରୀ ।
ମୋତେ ଦେଖିଲେ କେବେ ସେ ପକାଏନା ମାରି ।।
ତୁମେ କରୁଥାଅ ଯେଣୁ ମଣିଷର କ୍ଷତି ।
ସେଥିପାଇଁ ତୁମକୁ ସେ ଦେଖିଲେ ମାରନ୍ତି ।।
ଯେତେ ଦିନ ମଣିଷର କ୍ଷତି କରୁଥିବ ।
ସେତେଦିନ ଯାଏଁ ଏହି ଦୁଃଖ ଭୋଗୁଥିବ ।।

# ମୂଷା ଗାଉଥିଲା ଗୀତ



ମୂଷା ଦିନେ ପୋଖରୀକୂଳେ ଗାଉଥିଲା ଗୀତ ।
କଇଁଚଟିଏ ପାଣି ଭିତରୁ ଡାକିଲା ମିତ ମିତ ॥
ଆହା କି ଗୀତ ଗାଉଚ ତମେ ମନଟା ଉଠେ ମାତି ।
ଗୀତ ତୁମର ଶୁଭିଲା ବେଳୁ ଖୁସୀରେ ଫୁଲେ ଛାତି ॥
ତୁମରି ପରି ଗାୟକ କେବେ ନଥିଲା ଅବା ନାହିଁ ।
ଶହେ ବର୍ଷରେ ଏମିତି ଗୀତ ପାଇନି କେହି ଗାଇ ॥
ଶହେ ବର୍ଷର ତୁଳନା ଶୁଣି ମୂଷାର ଛାତି ମୋଟ ।
ଭାବିଲା ମନେ ସତରେ ମୁଁ ସଂଗୀତସମ୍ରାଟ ॥
ଏତେ ଦିନରୁ ଗାଉଛି ଗୀତ ଚି ଚିଇଁଆ ସ୍ୱରେ ।
ତଥାପି ମୋତେ କେହିବି ମୂଷା ପ୍ରଶଂସା ନାହିଁ କରେ ॥

ମୂଷାଜାତିଟା ହିଂସିକୁଟିଆ ପ୍ରତିଭା ଚିହ୍ନେ ନାହିଁ ।
ସେଇଥିପାଇଁ ମୂଷା ରହିଲା ହୀନିମାନିଆ ହୋଇ ।।
ସବୁବେଳେ ଚୋରି ଚପାଟି କାମରେ ମାତିଥିବେ।
ଯାହା ଯୋଉଠୁ ପାଇଲେ ତାକୁ ଘରକୁ ବୋହି ନେବେ।।
ସମୟ ଯଦି ବଳିଲା ଟିକେ କାଟିବେ ବହିଖାତା ।
ଲୁଗାପଟା କମ୍ବଳ କାଟି କରିବେ କୁତୁକୁତା।।
ଭାଗ୍ୟଦୋଷେ ମୂଷାଜାତିରେ ହେଲି ସିନା ଜନମ ।
ଗୀତ ଗାଇକି ଇତିହାସରେ ରଖିଯିବି ମୁଁ ନାମ ।।

ଇତିହାସରେ ପଢ଼ିବେ ଲୋକେ, ଥିଲା ମୂଷା ଏକ ।
ଗୀତ ଗାଇ ରଖିଗଲା ସେ ମୂଷାଜାତିର ଟେକ ।।
ଶହେ ବରଷ କେମିତି ତୁମେ ଦେଖିଲ କୁହ ଭାଇ ।
ସତରେ କଣ ମୋ ଗୀତ ଶୁଣି ଯାଇଚ ଖୁସୀ ହୋଇ ।।
କଇଁଚ ଏବେ ଉଠାଇ ମୁହଁ ଲମ୍ବାଇ ଦେଲା ବେକ ।
ଶହେ ନୁହେଁ ବୟସ ମୋର ତିନିଶହ ଏକ ।।
ଦେଖି ଆସୁଚି ଏଇ ସବୁ ବର୍ଷ ବର୍ଷ ହେଲା।
ତୁମ ପରିକା ଗାୟକ ଗୋଟେ କେବେ ବି ନ ଥିଲା।।
ତୁମ ପ୍ରତିଭା କେତେ ବିରାଟ ପାରୁନି ମୁଁ ଯେ କଳି।
ହାତ ଦୁଇଟା ମିଶୁଥିଲେ ମାରନ୍ତି ଖାଲି ତାଳି ।।
ଆସ ଟିକିଏ ପାଖକୁ ଆସ ମିଳାଇ ଦେବା ଛାତି ।
ହୃଦୟ ମୋର ପୂରି ଉଠୁଛି ଶୁଣି ତୁମର ଗୀତି ।।
ଆନନ୍ଦରେ ମୂଷା ମନ ଯାଉଥିଲା ପୂରି ।
ପ୍ରଶଂସା ଶୁଣି ଫସିବନାହିଁ, ନାହିଁ କେହି ଏପରି ।।
ନାଚି ନାଚି ଖୁସୀ ମନରେ ପାଣି ପାଖକୁ ଗଲା ।

କରମର୍ଦ୍ଦନ କରିବା ପାଇଁ ହାତ ବଢ଼ାଇ ଦେଲା ।।
ଖଅପ୍ କିନା କଇଁଚ ଦେଲା ମୂଷା ବେକକୁ ମୋଡ଼ି।
ମରିଗଲି ମରିଗଲି ମୂଷା ଛାଡ଼ିଲା ରଡ଼ି ।।
ବେଶି ପ୍ରଶଂସା କରେ ଯିଏ ନୁହଁଇ ସିଏ ମିତ ।
ମିତ୍ରବେଶୀ ଶତ୍ରୁ ସିଏ ପାଞ୍ଚଇ ଅହିତ ।।

# ମୂଷାର ଧରମଚିନ୍ତା



ମୂଷା କହିଲା ମୂଷୀଲୋ ଆମ ଭାଗ୍ୟ ବଡ଼ ବାମ।
ଚୋରି କରିକା ଜୀବନ ଗଲା ନୋହିଲା ଧର୍ମ କର୍ମ ।।
ଚାଆଲ ଯିବା ଧରମ କରି ମନ୍ଦିରେ ଯିବା ପଶି ।
ପ୍ରଭୁଙ୍କ ଗୀତ ଗାଇବା ଆମେ ଭକତମେଳେ ବସି ।।
ହରେ କୃଷ୍ଣ ହରେ ରାମ ଜପିବା ଦିନରାତି ।
କହିବା ପ୍ରଭୁ ମୂଷା ଜନମୁଁ ଦିଅ ଆମକୁ ମୁକ୍ତି ।।
ଖାଇବା ସେଠି ପ୍ରସାଦ ଟୋପେ ଜୀବନ ହେବ ଧନ୍ୟ ।
ଭକତ ସାଜି ଅରଜି ଯିବା କାହିଁରେ କେତେ ପୁଣ୍ୟ ।।
ପୁଣ୍ୟ ବଳେ ମଣିଷ ହେବା ଆର ଜନମେ ଯାଇ
ଜୀବନ ହେବ ସାର୍ଥକ ଆମ ମଣିଷ ଜନ୍ମ ପାଇ ।।

ମନ୍ଦିରରେ ପଶିଲେ ଦୁହେଁ ଗାଇଲେ ହରିନାମ ।
ଠାକୁରଙ୍କ ପ୍ରତିମା ଆଗେ କରିଗଲେ ପ୍ରଣାମ ।।
ଠାକୁରଙ୍କର ପ୍ରସାଦ ଯାହା ପଡ଼ିଲା ଅବା ବଳି ।
ପାଇଲେ ତାକୁ ଖୁସିମନରେ ମଥାରେ ହେଲେ ବୋଳି ।।
ଗୋଲଗୋଲ ଆଖିରେ ଦେଖି ଠାକୁରଙ୍କର ରୂପ ।
ଭକ୍ତି ଭରେ ମୂଷା କରିଲା ଠାକୁର ନାମ ଜପ ।।
ହଠାତ୍ ତା'ର ପଡ଼ିଲା ଆଖି ଠାକୁରଙ୍କ ବସନେ ।
ଝିଲ୍‌ମିଲ୍ ଜରିଲଗା ବସନ ମନ ଜିଣେ।।

ଦାନ୍ତ ହେଲା ଶୁଳେଇ ତାର କାଟିବା ପାଇଁ ମନ ।
ଚିକ୍‌ମିକ୍ ଲୁଗା ଦେଖି ମନଟା ଛନଛନ ।।
ଦଉଡ଼ିଗଲା ପାଗଳ ପରି ଲୁଚିଲା ଲୁଗା କୋଳେ ।
ଛାମୁଆଁ ଦାନ୍ତ ପଜାଇ ଏବେ କାଟିବା କଥା ଭାଳେ ।।
ବେକକୁ ତା'ର ଧରିଲା ମୂଷୀ କହିଲା, ଏ କି କାମ ।
ମୂଷା ପ୍ରକୃତି ଯିବନି ତୋ'ର ଯେତେ ଜପିଲେ ନାମ ।।
ପ୍ରକୃତି ତୋର ଅତି ଇତର କଦାପି ଯିବ ନାହିଁ ।
ମଣିଷ ପାଇଁ ଶତ୍ରୁ ତୁହି ଶତ୍ରୁ ଯିବୁ ରହି ।।
ମଣିଷ ତୋତେ କେବେ ବି ମନେ ପାଇବ ନାହିଁ ଭଲା
ଦେଖିଲେ ତୋତେ ମାରିବ ନିଶ୍ଚେ କରିବ କଲବଲ ।।
ବୁଝିଲୁ ନାହିଁ ବହିର ମୂଲ କାଟିଲୁ ପାଠବହି ।
ଶାଢ଼ୀର ମୂଲ ବୁଝିଲୁ ନାହିଁ ମଝିରୁ ଦେଲୁ ଖାଇ ।।
ଠାକୁରଙ୍କର ଲୁଗା କାଟିଲୁ ଆସିଲା ଶେଷ ବେଳ ।
ଧରମମାର୍ଗ ତୋ ପାଇଁ ନୁହେଁ, ତୁ ମୂର୍ଖ ପାଗଳ ।।

# ମୂଷୀ ପାରୁଥିଲା ବଡ଼ି



ମୂଷୀ ପାରୁଥିଲା ବଡ଼ି
ମୂଷା ଖାଉଥିଲା ମୁଢ଼ି
ଏତିକିବେଳକୁ ପବନ ବୋହିଲା
ମୁଢ଼ିତକ ଗଲା ଉଡ଼ି।।
ମୂଷା ବି ଛାଡ଼ିଲା ରଡ଼ି
ରାସ୍ତାରେ ଗଡ଼ିଗଡ଼ି
ହାୟରେ ପବନ ମୁହଁରୁ ନେଲୁ ମୋ
ଖାଇବାର ଚିଜ ଭିଡ଼ି ।।
ବଡ଼ି ପରା କାମ ଛାଡ଼ି
ଠିଆ ହେଲା ମୂଷୀବୁଢ଼ୀ

ପବନ ପଛରେ ଗୋଡ଼େଇଲା ସିଏ
ହାତେ ଧରି ଲମ୍ବାବାଡ଼ି ।।
ଯାଉଥିଲା ଗୋଟେ ଗାଡ଼ି
ମୁଢ଼ିତକ ଦେଲା ମାଡ଼ି
ମାଟି ବାଲି ମିଶି ଚିହ୍ନି ହେଲା ନାହିଁ
କିଏ ମୁଢ଼ି କିଏ ଗୋଡ଼ି ।।

ମୂଷା ଟିକେ ମୁଣ୍ଡ ନାଡ଼ି
ହେଲା ଥରେ ଭିଡ଼ିମୋଡ଼ି
ପବନକୁ ହାୟ୍ ବାଡ଼ି ଦେଖାଉଚୁ,
ଧନ୍ୟ ତୁଲୋ ମୂଷୀବୁଢ଼ୀ ।।
ଜମା ନାହିଁ ପାଠ ପଢ଼ି
ବୁଦ୍ଧି ଯାଇଛି ତୋ ହୁଡ଼ି
ଧାନ ବୋହିବାକୁ ନେଇଥିଲି ତୋତେ
ଆଣିଥିଲୁ ତୁ ଅଗାଡ଼ି ।।
ତୁ ଗୋଟେ କଳିହୁଡ଼ି
ପାଠକୁ ଖାଇଚୁ ପୋଡ଼ି
ପବନ ବୋହିବ ଅଣଚାଶ ଯଦି
ବାଡ଼ି ତୋର ଯିବ ଉଡ଼ି ।।
ମୂଷୀ ଗଲା ପୂରା ଚିଡ଼ି
କହିଲା ମୁହଁକୁ ମୋଡ଼ି
ତୋ’ ବୁଦ୍ଧି କେତେ ଜଣାଅଛି ମୋତେ
ଧୂଆଁକୁ କହୁ କୁହୁଡ଼ି ।
ତୋଆରି ବୁଦ୍ଧିରେ ପଡ଼ି

ଚଢ଼ିଥିଲି ଥରେ ସିଡ଼ି
ଅଧାରୁ ଅଧାରୁ ସିଡ଼ି ଭାଙ୍ଗିଗଲା
ତଳେ ପଡ଼ିଲି କଚାଡ଼ି ॥

ଆସିଥିଲା ନଈବଢ଼ି
ଗାଁ ଘର ଗଲା ବୁଡ଼ି
ନଈର ସୁଅରେ ସାପ ଯାଉଥିଲା
କହିଲୁ ତାକୁ ଦଉଡ଼ି ॥
ଧରିଥିଲୁ ତାକୁ ଭିଡ଼ି
ଆଆନ୍ତା ତୋତେ କାମୁଡ଼ି
ମୁଁ ଥିଲି ବୋଲି ବଞ୍ଚେଇଲି ତୋତେ
ଯାଇଥାନ୍ତା ଜୀବ ଛାଡ଼ି ॥
କଳି ଗଲା ବଢ଼ି ବଢ଼ି
ମୂଷା ବି ଗଲା ବିଗିଡ଼ି
ଏତିକିବେଳକୁ ପବନ ପଛକୁ
ବରଷା ଆସିଲା ମାଡ଼ି ॥
ମାରିଦେଲା ଘଡ଼ଘଡ଼ି
ବେଙ୍ଗଟା ଛାଡ଼ିଲା ରଡ଼ି
ମୂଷା ଦଉଡ଼ିଲା ଗାତ ଭିତରକୁ
ଶୋଇଲା କମ୍ବଳ ଘୋଡ଼ି ।